## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ଅକ୍ଷୟ ସଂଗୀତ ସନ୍ଧ୍ୟା, ସ୍ଥାନ-ଉତ୍କଳ ଆଶ୍ରମ, ସମୟ-ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଘଟଣା: ୩ ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୧।୧୦ ଗତ ୮ତାରିଖ ରାତିରେ ମୁକ୍ତେଶ ସାହୁ ନାମକ ଜଣେ ଯୁବକଙ୍କୁ ଷ୍ଟେଶନ ରୋଡରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜିପୁର ଅଞ୍ଚଳର ମନୋଜ ଦାସ ଓରଫ ପେଟା (୨୬), ବିବେକ ଦାସ ଓରଫ ବାବୁଲ(୨୧) ଓ ଶିବ ଦାସ (୨୪)। ମନୋଜ, ବିବେକ ଓ ଶିବ ନାମରେ ବିଭିନ୍ନ ଥାନାରେ ଏକାଧିକ ସଙ୍ଗିନ ମାମଲା ରହିଥିବା ପୋଲିସ କହିଛି। ୨୦୨୦ରେ ବିବେକ ଦାସଙ୍କ ଭାଇ ରିତିକ ଦାସଙ୍କୁ ମୁକ୍ତେଶ ସାହୁ ଓ ତାଙ୍କ ଭାଇ ଆଶିଷ ସାହୁ ଏବଂ ବାପା ମନୋଜ ସାହୁ ମିଳିତ ଭାବେ ଆକ୍ରମଣ କରିଥିଲେ। ଏଣୁ ଏହାର ପ୍ରତିଶୋଧ ନେବା ପାଇଁ ବିବେକ ତାଙ୍କ ସହଯୋଗୀଙ୍କ ସାହାଯ୍ୟରେ ଗତ ୮ରେ ମୁକ୍ତେଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନମ୍ବର ୧୭୪/୨୨ରେ ପୋଲିସ ମଙ୍ଗଳବାର ମନୋଜ ଦାସ, ବିବେକ ଦାସ ଓ ଶିବ ଦାସଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ,ଗତ ୮ ତାରିଖରେ ମୁକ୍ତେଶ ସାହୁ କୌଣସି କାମରେ ରେଳ ଷ୍ଟେଶନ ରୋଡକୁ ଯାଇଥିବା ବେଳେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ଥିଲେ। ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ଝଗଡା ହୋଇଥିଲା। ଶେଷରେ ଅଭିଯୁକ୍ତମାନେ ଏକ ମଦ ବୋତଲରେ ମୁକ୍ତେଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମୁକ୍ତେଶଙ୍କ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଆହତ ଅବସ୍ଥାରେ ମୁକ୍ତେଶ ଗୋଷାଣୀନୂଆଗାଁ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା।

### ଗାଡ଼ି ଧକ୍କାରେ ୨ ଗାଈ ମୃତ

ଗଞ୍ଜାମ,୧୧।୧୦(ଡି.ଏନ.ଏ.)-ଗଞ୍ଜାମ ଏନ୍‌ଏସି ଦେଇ ଯାଇଥିବା ୧୬ନଂ.ଜାତୀୟ ରାଜପଥରେ ସୋମବାର ବିଳମ୍ବିତ ରାତିରେ କୌଣସି ଏକ ଗାଡ଼ି ଧକ୍କାରେ ୨ଟି ଗାଈ ମୃତ୍ୟୁ ଘଟିଥିବା ବେଳେ ୫ ଗୋରୁ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଭୋରରେ କେତେଜଣ ଡ୍ରାଇଭର ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଗୁରୁତର ଗାଈଗୁଡ଼ିକୁ ରାସ୍ତାରୁ ଉଠାଇବା ବ୍ୟବସ୍ଥା କରିଥିଲେ। ସୂଚନାଯୋଗ୍ୟ, ମାଲିକମାନେ କ୍ଷୀର ଦୁହିଁବା ପରେ ଗାଈଙ୍କୁ ରାସ୍ତାକୁ ଛାଡ଼ି ଦେଉଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଜିଠୁ ଖୋଲିବ ୩ଟି କମ୍ପ୍ଲେକ୍ସ

- ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ବୈଠକ
- ହାଉସ ସର୍ଜନ, ନର୍ସିଂ ବିବାଦ ଉପରେ ଆଲୋଚନା




ବ୍ରହ୍ମପୁର ଅଫିସ,୧୧।୧୦

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ ଅଧୀକ୍ଷକଙ୍କ ଚାମ୍ବରରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମକେସିଜି ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଓ ଡ଼ିନ ଡା. ଅବନୀକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେହିପରି ବିଭିନ୍ନ ବିଭାଗୀୟ ମୁଖ୍ୟ, ହାଉସସର୍ଜନ ସଂଘର କର୍ମକର୍ତ୍ତା ଓ ନର୍ସିଂ ସଂଘର କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। ଅଗଷ୍ଟ ୨୬ ରେ ସୁପରସ୍ପେସାଲିଷ୍ଟ କୋଠାରେ ଥିବା ୩ଟି କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିଥିଲା। ସେବେଠାରୁ ଉକ୍ତ ୩ଟି ବନ୍ଦକରି ଦିଆଯାଇଥିଲା। ବୁଧବାରଠାରୁ ଉକ୍ତ ୩ଟି କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ସେପ୍ଟେମ୍ବର ୨୯ରେ ରୋଗୀଙ୍କ ରକ୍ତ ସଂଗ୍ରହକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ଏନେଇ ଏହି ବୈଠକରେ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଅଧିକାରୀଙ୍କ ପାଇଁ ନିର୍ଦ୍ଧାରିତ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଡ୍ୟୁଟି ମ୍ୟାନେଜମେଣ୍ଟକୁ ନେଇ ରହିଥିବା ଦ୍ୱନ୍ଦ୍ୱର ଆପୋଷ ବୁଝାମଣା ଜରିଆରେ ସମାଧାନ କରାଯାଇଥିଲା। ବିଶେଷକରି ଭେଷଜ ବିଭାଗରେ ପ୍ରତିଦିନ ପ୍ରାୟ ୧୫୦ ରୋଗୀ ଆସିଥାନ୍ତି। ସେମାନଙ୍କ ରକ୍ତ ନମୁନା ସଂଗ୍ରହ କିପରି ସହଜ ହୋଇପାରିବ ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଆବଶ୍ୟକ ପଡ଼ିଲେ ଉକ୍ତ ବିଭାଗରେ ଅଧିକ ନର୍ସିଂ ଅଫିସର କିମ୍ବା ଲେବୋରେଟୋରି ଟେକ୍ନିସିଆନ ଯୋଗାଇ ଦିଆଯିବ ବୋଲି ସ୍ଥିର କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟରେ ଡ଼ିନ୍ ଡା.ମିଶ୍ରଙ୍କ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏମ୍‌କେସିଜ ମେଡିକାଲ ପରିସରରେ ଲାଗି ରହିଥିବା ଗାଡ଼ି ପାର୍କିଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଲୋଚନା ହୋଇଥିଲା। ରୋଗୀ ସମ୍ପର୍କୀୟଙ୍କ ବାଇକ୍ ଓ ଅନ୍ୟାନ୍ୟ ଗାଡ଼ି ପାର୍କିଂ ପାଇଁ ଏକ ଘରୋଇ ସଂସ୍ଥାକୁ ଟେଣ୍ଡର ଦେବାକୁ ନିଷ୍ପତ୍ତି ହୋଇଥିଲା। ମେଡିକାଲର ବିଭିନ୍ନ ବିଭାଗ ସମ୍ମୁଖରେ ପାର୍କିଂ କରାଯାଉଥିବା ଗାଡ଼ିଗୁଡ଼ିକ ସେଠାରେ ପାର୍କିଂ ନ କରି ସୁପରସ୍ପେସାଲିଟି କୋଠା ସମ୍ମୁଖ ଭାଗରେ ଥିବା ଏକ ଖୋଲା ସ୍ଥାନରେ ଗାଡି ପାର୍କିଂ କରାଯିବା ପାଇଁ ସ୍ଥିର ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌କେସିଜି ଉପ ଅଧୀକ୍ଷକ ଡା. କିରନ ପଟ୍ଟନାୟକ ଓ ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଆଉଟସୋର୍ସିଂ କର୍ମଚାରୀଙ୍କ ଧାରଣା

ବ୍ରହ୍ମପୁର ଅଫିସ,୧୧।୯

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ମଙ୍ଗଳବାର ୩୭ ଜଣ ଆଉଟସୋର୍ସିଂ କର୍ମଚାରୀ ମିଳିତ ଭାବେ ଗଣଧାରଣା ଦେଇଥିଲେ। କର୍ମଚାରୀମାନେ ବଦଳି ବନ୍ଦ କରିବା ଦାବିରେ ଦିନତମାମ ଧାରଣା ଦେବା ଫଳରେ ଭଞ୍ଜବିହାର ପରିସରରେ ଉତ୍ତେଜନା ବୃଦ୍ଧି ପାଇଥିଲା। ସୂଚନାନୁସାରେ, ପାର୍ବଣ ଛୁଟି ପୂର୍ବରୁ ସେପ୍ଟେମ୍ବର ୨୭ରେ ବିଶ୍ୱବିଦ୍ୟାଳୟ ଛାତ୍ରୀବାସରେ ଅମାନୁଷିକ ଭାବେ ୧୨ଟି ବୁଲାକୁକୁରଙ୍କ ପାଟି ଓ ଗୋଡ଼ ବାନ୍ଧି ରଖାଯାଇଥିବା ଭିଡିଓ ଭାଇରାଲ ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ତଦନ୍ତ ବେଳେ ଆଉଟସୋର୍ସିଂ ସଫେଇ କର୍ମଚାରୀମାନେ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ତଦନ୍ତ ପରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅକ୍ଟୋବର ପହିଲାରୁ ଦଶ ଦିନ ନିମନ୍ତେ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିଲମ୍ବନ କରିଥିଲେ। ମଙ୍ଗଳବାର ବିଶ୍ୱବିଦ୍ୟାଳୟ ଖୋଲିବା ପରେ ନୂତନ ଭାବେ ୨୦ ଜଣ ଆଉଟସୋର୍ସିଂ କର୍ମଚାରୀଙ୍କୁ ଅଣାଯାଇଥିବା ଓ ନିଲମ୍ବିତ ଆଉଟସୋର୍ସିଂ କର୍ମଚାରୀମାନେ ଝାରସୁଗୁଡ଼ା ବଦଳି ହୋଇଥିବା ଜାଣିବାକୁ ପାଇଥିଲେ। ସ୍ୱଳ୍ପ ବେତନରେ ଘରଠାରୁ ଦୂରରେ ଚଳିବା କଷ୍ଟକର ହୋଇଥିବା ଯୋଗୁ କର୍ମଚାରୀମାନେ ନିଜର ବଦଳି ବନ୍ଦ କରିବା ପାଇଁ ଦାବିକରି କୁଳପତିଙ୍କୁ ଭେଟିବାକୁ ଚାହିଁଥିଲେ ସୁଦ୍ଧା ସେମାନେ ସାକ୍ଷାତ କରିପାରିନଥିଲେ। ଭିତରକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିବା ଧାରଣାରତ ଆଉଟସୋର୍ସିଂ କର୍ମଚାରୀମାନେ ଅଭିଯୋଗ କରିଛନ୍ତି।


ପ୍ରଶାସନିକ କୋଠା ସମ୍ମୁଖରେ ଧାରଣାରତ କର୍ମଚାରୀ।

# ୮ ମାସରେ ୪. ୪୧ କୋଟି ଜରିମାନା

## ଟ୍ରାଫିକ୍ ସମସ୍ୟାର ସୁଧାର ପାଇଁ ପୋଲିସର ପ୍ରୟାସ

ବ୍ରହ୍ମପୁର ଅଫିସ,୧୧।୧୦

ବ୍ରହ୍ମପୁର ସହରର ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ସହ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ ପୋଲିସ ତା'ର ପ୍ରୟାସ ଜାରି ରଖିଛି। ପୋଲିସ ଏବେ ତିନି ଜଣିଆ ବାଇକ ଆରୋହୀ (ଟ୍ରିପଲ ରାଇଡିଂ), ଭୁଲ ରାସ୍ତାରେ ଗାଡ଼ି ଚଳାଇବା ସହ ବିନା ହେଲମେଟରେ ଗାଡି ଚଳାଉଥିବା ଅମାନିଆଙ୍କୁ ସାବାଡ଼ ପାଇଁ ଧରପଗଡ ଆରମ୍ଭ କରିଛି। ଗତ ୮ମାସ ମଧ୍ୟରେ ଟ୍ରାଫିକ ପୋଲିସ ୪୬୨୫୮ଜଣ ଅମାନିଆଙ୍କଠାରୁ ୪ କୋଟି ୪୧ ଲକ୍ଷ ୪୪ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ୧୬୩୨ ଅମାନିଆଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରି ତାହା ବାତିଲ ପାଇଁ ଆଞ୍ଚଳିକ ପରିବହନ ବିଭାଗକୁ ପଠାଇଛି। ଦୁଇଚକିଆ ଯାନରେ ୩ଜଣ ବସି ଯାତାୟାତ, ବିନା ହେଲମେଟରେ ଗାଡି ଚଳାଇବା ଓ ଭୁଲ ରାସ୍ତାରେ ଗାଡ଼ି ଚଳାଇଲେ ଦୁର୍ଘଟଣାର ସମ୍ମୁଖୀନ ହେବାର ସମ୍ଭାବନା ରହିଥିବା ନେଇ ପୋଲିସ ଏଭଳି ଆରୋହୀଙ୍କୁ ସତର୍କ କରୁଛି। ଆଗାମୀ ଦିନରେ ପୋଲିସ ପକ୍ଷରୁ ସହରରେ ଏଭଳି ଭାବେ ଯାଞ୍ଚ କଡାକଡି କରାଯିବ ବୋଲି ଟ୍ରାଫିକ ଥାନାଧିକାରୀ ରାମ ସୁବ୍ରମନ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି। ସହରର ବ୍ଲାକସ୍ପଟ ଭାବେ ଚିହ୍ନଟ ହୋଇଥିବା ଲାଞ୍ଜିପଲ୍ଲୀ ବାଇପାସ୍, କମାପଲି, ଗେଟବଜାର ସମେତ ଚର୍ଚ୍ଚରୋଡ, ଅନ୍ନପୂର୍ଣ୍ଣା ମାର୍କେଟ, ଆସିକା ରୋଡ ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯିବା ସହ ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି ବୋଲି ଥାନାଧିକାରୀ ବେହେରା କହିଛନ୍ତି।

## ୨୪୦ କୋଟି ଖରିଫ କୃଷି ଋଣ ଦେଇଛି ବିସିସି ବ୍ୟାଙ୍କ

ଉପକୃତ ହୋଇଛନ୍ତି ୬୩,୧୮୮ ଚାଷୀ

ବ୍ରହ୍ମପୁର ଅଫିସ,୧୧।୧୦-

ବ୍ରହ୍ମପୁର ସମବାୟ କେନ୍ଦ୍ର(ବିସିସି)ବ୍ୟାଙ୍କ ଚଳିତ ବର୍ଷର ଖରିଫ ଧାନ ଚାଷ ପାଇଁ ଗଞ୍ଜାମ ଓ ଗଜପତି ଜିଲାର ୬୩,୧୮୮ ପଞ୍ଜୀକୃତ ଚାଷୀଙ୍କୁ ୨୪୦.୬୭ କୋଟି ଟଙ୍କା କୃଷି ଋଣ ଦେଇଛି। ୨୦୨୨ ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା ଋଣ ଲଗାଣ ଗତ ସେପ୍ଟେମ୍ବର ୩୦ରେ ଶେଷ ହୋଇଛି। ଖରିଫ ଚାଷ ନିମନ୍ତେ ବ୍ୟାଙ୍କକୁ ସରକାର ୨୫୦ କୋଟି ଟାର୍ଗେଟ ଦେଇଥିବା ବେଳେ ଅଧିକ ୫୦ କୋଟି ଦେବାକୁ ବ୍ୟାଙ୍କ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ତେବେ ଆରମ୍ଭରୁ ଅନିୟମିତ ବର୍ଷା ଓ ଅନ୍ୟ କାରଣରୁ ସରକାରୀ ଲକ୍ଷ୍ୟ ଧାର୍ଯ୍ୟରୁ ପ୍ରାୟ ୧୦ କୋଟି କମି ଯାଇଥିବା ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଦୁଇ ଜିଲାରେ ଥିବା ୨୩ ଶାଖା ମଧ୍ୟରୁ ଗଞ୍ଜାମରେ ୧୩ ଓ ଗଜପତିରେ ୪ ରହିଛି। ଗଞ୍ଜାମ ଜିଲାର ଦିଗପହଣ୍ଡି, ଚିକିଟି, ପାତ୍ରପୁର, ରଙ୍ଗେଇଲୁଣ୍ଡା,ବିଜିପୁର, କୁକୁଡ଼ାଖଣ୍ଡି, ସମରଝୋଲ, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ଛତ୍ରପୁର, ରମ୍ଭା, ଖଲ୍ଲିକୋଟ ଓ ବେଗୁନିଆପଡ଼ା ଶାଖା ମାଧ୍ୟମରେ ୨୦୩ ପ୍ରାଥମିକ କୃଷି ସେବା ସମବାୟ ସମିତି (ସୋସାଇଟି) ଦ୍ୱାରା ୫୪ ହଜାର ୩୪ ଚାଷୀଙ୍କୁ ୧୯୯.୩୬ କୋଟି ଟଙ୍କା ଋଣ ଦିଆଯାଇଛି। ସେହିପରି ଗଜପତି ଜିଲା ପାରଳାଖେମୁଣ୍ଡି, ଗାରାବନ୍ଧ, କାଶୀନଗର ଓ ଆର.ଉଦୟଗିରି ଶାଖା ମାଧ୍ୟମରେ ୪୯ ସୋସାଇଟି ଦ୍ୱାରା ୪୧.୩୧ କୋଟି ଟଙ୍କା ୯,୧୫୪ ଚାଷୀଙ୍କୁ କୃଷି ଋଣ ଦିଆଯାଇଛି। ସରକାରୀ ଲକ୍ଷ ଅନୁସାରେ ଗଞ୍ଜାମର ୧୩ ଶାଖା ଦ୍ୱାରା ଚାଷୀଙ୍କୁ ୨୦୪ କୋଟି ଏବଂ ଗଜପତିର ୪ ଶାଖା ବ୍ୟାଙ୍କ ମାଧ୍ୟମରେ ୪୬ କୋଟି କୃଷି ଋଣ ଲଗାଣ ପାଇଁ ନିର୍ଦ୍ଦେଶ ଥିଲା। ସେହିପରି ବ୍ୟାଙ୍କ ପକ୍ଷରୁ ଦୁଇ ଜିଲାର ୧୭ ଶାଖା ମାଧ୍ୟମରେ ଅଧିକ ୫୦ କୋଟି ଟଙ୍କା ଋଣ ଲଗାଣ ଲାଗି ବ୍ୟବସ୍ଥା କରାଯାଇଥିଲା। ତେବେ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟରୁ ୧୦ କୋଟି କମିଗଲା। ଅକ୍ଟୋବର ୧ ରୁ ରବି ଚାଷ ନିମନ୍ତେ କୃଷି ଋଣ ଲଗାଣ ଆରମ୍ଭ ହୋଇଛି। ଏହା ଆସନ୍ତା ମାର୍ଚ୍ଚ ୩୦ ପର୍ଯ୍ୟନ୍ତ ଦିଆଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଅଜୟ


@ ନୀତୁ


@ ଦେବଦର୍ଶନୀ


@ପ୍ରିୟଙ୍କା


@ ସୁଶମା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୧୧।୧୦

ବିଦ୍ୟାଭାରତୀ ଆନୁକୂଲ୍ୟରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ଆୟୋଜିତ ୨୦ତମ ପ୍ରାଦେଶିକ ଜ୍ଞାନବିଜ୍ଞାନ ମେଳା ଉଦ୍‌ଘାଟନ ଉତ୍ସବ ମଙ୍ଗଳବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦକ୍ଷିଣ ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶା ସଂଗଠନର ରମାକାନ୍ତ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ. ଶ୍ରବଣ ବିବେକ ଏମ୍ ଯୋଗ ଦେଇଥିଲେ। ସୁଯୋଗ ଓ ଜ୍ଞାନ ପାଇବାର ମାଧ୍ୟମ ବିଭିନ୍ନ ମହାପୁରୁଷ ଓ ମହାନ୍ ଖେଳାଳିଙ୍କ ପ୍ରେରଣାଦାୟୀ କାହାଣୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନିଷ୍ଠା ଓ ନିଃସ୍ୱାର୍ଥ ସେବା ପାଇଁ ଆରକ୍ଷୀ ଅଧୀକ୍ଷକ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଡ. କିଶୋର ଚନ୍ଦ୍ର ମହାନ୍ତି ବିଜ୍ଞାନକୁ ପୁରାଣ ଶାସ୍ତ୍ର ସହ ତୁଳନା କରି ଶିଶୁଙ୍କୁ ବୈଜ୍ଞାନିକ ମନୋବୃତ୍ତି ହେବା ପାଇଁ ଉତ୍ସାହିତ କରିଥିଲେ। ସେହିପରି ଶିକ୍ଷା ବିକାଶ ସମିତି ସମ୍ଭାଗ ସଭାପତି ଡ.ତାରା ପ୍ରସାଦ ଦାଶ ପ୍ରତିଯୋଗିତା ମନୋବୃତ୍ତି ନ ନେଇ ବୈଜ୍ଞାନିକ ମାନସିକତା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଂଗଠନର ଦିବାକର ଘୋଷଜୀଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା । ବିଜ୍ଞାନ ପ୍ରକଳ୍ପ ସହ ବୈଦିକ ଗଣିତ ଓ ସଂସ୍କୃତିବୋଧ ପରିଯୋଜନା ମାଧ୍ୟମରେ ପ୍ରକଳ୍ପ ପ୍ରଦର୍ଶନ, ପ୍ରୟୋଗ, ପ୍ରଶ୍ନମଞ୍ଚ ଓ ପତ୍ର ବାଚନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ ୨୮ଟି ଟିମ୍‌ରେ ୮୪ ଜଣ, ସଂସ୍କୃତି ଜ୍ଞାନ ପତ୍ର ବାଚନରେ ୨୮ ଜଣ, ବିଜ୍ଞାନ ପ୍ରଶ୍ନ ମଞ୍ଚ ୨୦ଟି ଟିମ୍‌ରେ ୬୦ଜଣ, ବିଜ୍ଞାନ ପତ୍ର ବାଚନରେ ୨୧ ଜଣ, ବିଜ୍ଞାନ ପ୍ରକଳ୍ପରେ ୩୮ ଜଣ, ବିଜ୍ଞାନ ପ୍ରୟୋଗରେ ୩୦ ଜଣ, ବୈଦିକ ଗଣିତ ପ୍ରଶ୍ନ ମଞ୍ଚରେ ୫୯ ଜଣ, ବୈଦିକ ଗଣିତ ପତ୍ର ବାଚନରେ ୧୯, ଗଣିତ ପ୍ରୟୋଗରେ ୨୨, ଗଣିତ ପ୍ରକଳ୍ପରେ ୪୧ ଜଣ ଅଂଶଗ୍ରହଣ କରିଥିଲେ। ଏଭଳି ଭାବେ ମୋଟ ୪୦୨ ପ୍ରତିଯୋଗୀ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ୪୦ ଜଣ ବିଚାରକ ମୂଲ୍ୟାୟନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷ ଏସ୍.ମୋହନ ରାଓଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନ ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ନୀଳକଣ୍ଠନଗର ସରସ୍ୱତୀ ଶିଶୁ ମନ୍ଦିର**

## ବ୍ରହ୍ମପୁର ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବ୍ରହ୍ମପୁର ଅଫିସ,୧୧।୧୦

ବ୍ରହ୍ମପୁର ବନଖଣ୍ଡସ୍ତରୀୟ ୬୮ତମ ବନ୍ୟପ୍ରାଣୀ ସପ୍ତାହ ମଙ୍ଗଳବାର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ପ୍ରଚାର ପ୍ରସାର ମାଧ୍ୟମରେ ଜନ ସଚେତନତା କରାଯାଇ ବନ୍ୟ ପ୍ରାଣୀଙ୍କୁ ସୁରକ୍ଷିତ କରିବା ନେଇ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ବରିଷ୍ଠ ବୈଜ୍ଞାନିକ ଡ.ଅନିଲ କୁମାର ମହାପାତ୍ର, ଡେପୁଟି କଞ୍ଜରଭେଟର ଆର.ଆର.ପଟ୍ଟନାୟକ, ଆଞ୍ଚଳିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ଓ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ମାଧବୀ ଲତା, ଡ.ରୁଦ୍ର ପ୍ରସାଦ ରଥ, ବ୍ରହ୍ମପୁର ରେଞ୍ଜର ରଜତ କୁମାର ମିଶ୍ର, ରେଞ୍ଜର ମନୋଜ କୁମାର ପାତ୍ର, ସିଦ୍ଧାର୍ଥ ଶଙ୍କର ସାହୁ, କାହ୍ନୁ ଚରଣ ପଟ୍ଟନାୟକ, ଅବସରପ୍ରାପ୍ତ ଏସିଏଫ ତ୍ରିନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପୂଜ୍ୟପୂଜା ସମିତି ପକ୍ଷରୁ ବାଜି ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର ଅଫିସ,୧୧।୧୦

ପୂଜ୍ୟ ପୂଜା ସମିତି ପକ୍ଷରୁ ମଙ୍ଗଳବାର ବିଜିପୁର କମ୍ୟୁନିଟି ହଲଠାରେ ସହିଦ ବାଜି ରାଉତ ଓ ଅନ୍ୟ ୬ ଜଣ ସାଥୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ବଂଶୀଧର ଭୂୟାଁ ଅଧ୍ୟକ୍ଷତା କରିଥିଲେ। ସମାଜିକକର୍ମୀ ସୁରେନ୍ଦ୍ର ନାଥ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଗୁଣି ନାହାକ, ଆର.ସତ୍ୟ ନାରାୟଣ ରାଓ, ଶ୍ୟାମ ସୁନ୍ଦର ଖାଡଙ୍ଗା, ଗୌରୀ ଶଙ୍କର ମହାନ୍ତି ଓ ଅବନୀ ଗୟା ପ୍ରମୁଖ ଯୋଗ ଦେଇ ବାଜି ରାଉତଙ୍କ ସ୍ମୃତି ଚାରଣ କରିଥିଲେ।

# ତତ୍କାଳୀନ ଆକାଉଣ୍ଟାଣ୍ଟଙ୍କୁ ୨ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୧୧।୧୦

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ମଙ୍ଗଳବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ ସେ ଅଭିଯୁକ୍ତ ତଥା ତତ୍କାଳୀନ ବୌଦ୍ଧ ଜିଲାରେ ଥିବା ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେଶନ ଲିମିଟେଡ ଆକାଉଣ୍ଟାଣ୍ଟ ସମରସେନ ପାତ୍ରଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ରହିଥିବା ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି। ସମରସେନ ବର୍ତ୍ତମାନ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଛନ୍ତି।

ପ୍ରକାଶ ଯେ, ସମରସେନଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଭିଜିଲାନ୍ସ ଟିମ୍ ୨୦୦୪ ଜୁନ ୨୨ରେ ତାଙ୍କ ବାସଭବନ ସମେତ ୩ ଟି ସ୍ଥାନରେ ଚଢ଼ାଉ କରିଥିଲା। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୬ଲକ୍ଷ ୮୩ହଜାର ୩୨୭ ଟଙ୍କା ଆକଳନ କରାଯାଇଥିଲା। ସେଥିମଧ୍ୟରୁ ୨ଲକ୍ଷ ୯୭ହଜାର ୯୩୩ ଟଙ୍କା ୩୫ ପଇସାର ସେ ହିସାବ ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଯାହାକି ତାଙ୍କ ଆୟର ୨୨୯ ପ୍ରତିଶତ ଅଧିକ ରହିଥିଲା। ଏନେଇ ଭିଜିଲାନ୍ସ ମାମଲା ନମ୍ବର ୧୯/୦୪ ରେ ସମରସେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚାର୍ଜଶିଟ ଦାଖଲ ପରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ସମରସେନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

